## ବିଭିନ୍ନ ୟୁଜିସି ଅଧିନସ୍ଥ ବିଶ୍ୱବିଦ୍ୟାଳୟ ଅଧାପକ ମାନଙ୍କର ବେତନ ବୃଦ୍ଧି କରିବା ପ୍ରସଙ୍ଗରେ

# ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସରକାର ପ୍ରହେଳିକା ସୃଷ୍ଟି କରୁଛନ୍ତି : ବିଜେପି

- **୩ ବର୍ଷ ପରେ ସରକାରଙ୍କ ନିଦ ଭାଙ୍ଗିଲା**
- **ୟୁଜିସି ଅଧାପକ ମାନଙ୍କର ବେତନ ବୃଦ୍ଧିରେ କେନ୍ଦ୍ର ସରକାର ୮୦ ଭାଗ ଅର୍ଥ ପ୍ରଦାନ କରୁଛନ୍ତି**
- **ବ୍ଲକଗ୍ରାଂଟ ଅଧାପକମାନଙ୍କ ସହ ପାତରଅନ୍ତର କାହିଁକି ?**
- **ବ୍ଲକଗ୍ରାଂଟ ଶିକ୍ଷକ ଓ ଅଧାପକମାନଙ୍କ ଦାବି ପୂରଣ ନହୋଇଥିବାରୁ ଅଧିକାଂଶ ସମୟ ରାଜ୍ୟର ଲକ୍ଷ ଲକ୍ଷ ସ୍କୁଲ କଲେଜ ତାଲା ପଡୁଛି**

**ଭୁବନେଶ୍ୱର,ତା.୩୦/୧୨ :** ୩ ବର୍ଷ ପରେ ରାଜ୍ୟସରକାରଙ୍କ ନିଦ ଭାଙ୍ଗିଛି । ଗତ ଜାନୁଆରୀ ୨୦୧୬ ମସିହାରୁ କେନ୍ଦ୍ରସରକାର ୟୁଜିସି ଅଧିନସ୍ଥ ବିଶ୍ୱବିଦ୍ୟାଳୟ ଅଧାପକ ମାନଙ୍କର ବେତନ ବୃଦ୍ଧି ଲାଗୁ କରିଛନ୍ତି । ଏହା ମଧ୍ୟରେ ୩ ବର୍ଷ ବିତିଥିଲେ ମଧ୍ୟ ଏହାକୁ ଲାଗୁ ନକରି ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସରକାର ଏବେ ଏହାକୁ ଲାଗୁ କରି ପ୍ରହେଳିକା ସୃଷ୍ଟି କରିଛନ୍ତି ବୋଲି ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ଅଭିଯୋଗ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ୟୁଜିସି ଅଧିନସ୍ଥ ବିଶ୍ୱବିଦ୍ୟାଳୟ ଅଧାପକ ମାନଙ୍କର ବେତନ ବୃଦ୍ଧିରେ କେନ୍ଦ୍ର ସରକାର ୮୦ ଭାଗ ଅର୍ଥ ପ୍ରଦାନ କରୁଛନ୍ତି । ରାଜ୍ୟସରକାର କ୍ୟାବିନେଟ ବୈଠକରେ ଅଧାପକମାନଙ୍କର ବେତନ ବଢାଇବା ସ୍ୱାଗତଯୋଗ୍ୟ । କିନ୍ତୁ ଗତ ୩ ବର୍ଷ ଧରି ଅନ୍ୟ ରାଜ୍ୟର ଶିକ୍ଷକ ଓ ଅଧାପକମାନଙ୍କ ପାଇଁ ଏହା ଲାଗୁ ହୋଇସାରିଥିବାବେଳେ ଏବେ ରାଜ୍ୟସରକାର ଏହାକୁ ଲାଗୁ କରି ବାଃ ବାଃ ନେବାକୁ ବସିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ରାଜ୍ୟର ବ୍ଲକଗ୍ରାଂଟ ଅଧାପକମାନେ ଶିକ୍ଷା ବ୍ୟବସ୍ଥାର ମଙ୍ଗ ଧରିଛନ୍ତି । ଏପରିକି ରାଜ୍ୟର ସମସ୍ତ ଗ୍ରାମାଚଂଳ ଓ ସହରତଳି ଅଂଚଳରେ ଗଢିଉଠିଥିବା ସ୍କୁଲ ଓ କଲେଜଗୁଡିକରେ ବ୍ଲକଗ୍ରାଂଟ ଅଧାପକମାନେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଯୋଗାଇ ଆସୁଛନ୍ତି । ବାରମ୍ବାର ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହେବା ପରେ ବି ବ୍ଲକଗ୍ରାଂଟ ଅଧାପକମାନଙ୍କୁ ନା ନିୟମିତ କରାଗଲା ନା କି ପୂର୍ଣ୍ଣ ବେତନ ଲାଗୁ କରାଗଲା । ଓଡିଶାର ଗରୀବ ପିଲାପଢୁଥିବା କଲେଜ ଗୁଡିକର ଅଧାପକ ଓ କର୍ମଚାରୀମାନଙ୍କର ବେତନ ୟୁଜିସି ଅଧାପକମାନଙ୍କ ଦରମା ଭିତରେ ଆକାଶ ପାତାଳ ପ୍ରଭେଦ ଯୋଗୁଁ ବ୍ଲକଗ୍ରାଂଟ ଅଧାପକମାନେ କଲେଜ ବନ୍ଦ କରି ଭୁବନେଶ୍ୱରରେ ଆସି ଧାରଣା ଦେଉଛନ୍ତି । ଯାହାଫଳରେ ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ବ୍ୟାପକ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ରାଜ୍ୟର ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣଭାବେ ଫେଲ ମାରିଛି । ଶିକ୍ଷକ ଓ ଅଧାପକମାନଙ୍କ ଦାବି ପୂରଣ ନହୋଇଥିବାରୁ ଅଧିକାଂଶ ସମୟ ରାଜ୍ୟର ଲକ୍ଷ ଲକ୍ଷ ସ୍କୁଲ କଲେଜ ତାଲା ପଡୁଛି । ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଆମ ଗାଁ ଆମ ବିକାଶ ମାଧ୍ୟମରେ କୋଟି କୋଟି ଟଙ୍କା ରାଜ୍ୟ ତହବିଲରୁ ବ୍ୟୟ କରି ଦଳୀୟ କର୍ମୀଙ୍କୁ ବାଂଟୁଛନ୍ତି । ଅନ୍ୟପଟେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢୁଥିବା ବ୍ଲକଗ୍ରାଂଟ ଅଧାପକମାନଙ୍କୁ ଅଣଦେଖା କରିଚାଲିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**